## ଲୁଟିନେଲେ ସୁନାଗହଣା

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଶିରିଶବଣୀ ଗ୍ରାମର ଭଡା ଘରେ ରହୁଥିବା ଜଣେ ଶିକ୍ଷୟିତ୍ରୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଛି। ଏନେଇ ଶିକ୍ଷୟିତ୍ରୀ ଛବିଲତା ବାରିକ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୯୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଶିକ୍ଷୟିତ୍ରୀ ଜଣଙ୍କ ଘରେ ନ ଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଆଲମିରାକୁ ଭାଙ୍ଗି ସୁନା ଅଳଙ୍କାର ଚୋରି କରି ନେଇଛନ୍ତି।

### ସଂକ୍ଷେପରେ

## ଗୋବିନ୍ଦପୁରରେ ବାସନ୍ତିକ ଦୁର୍ଗାପୂଜା

**ବାଲିଆପାଳ, ୨୨।୪(ସ୍ୱ.ପ୍ର.):** ବାଲିଆପାଳ ବ୍ଲକରେ ବିଭିନ୍ନ ବାସନ୍ତିକ ଦୁର୍ଗାପୂଜା ମଣ୍ଡପରେ କରୋନା ପାଇଁ ପୂଜା ବନ୍ଦ ରହିଛି। ସାଉଡି ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ଗୁରୁବାର ବାସନ୍ତିକ ଦୁର୍ଗାପୂଜା ଦଶହରା ଶେଷ ହୋଇଯାଇଛି। ଗତ ରବିବାର ଷଷ୍ଠୀଠାରୁ ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ ମାନି ନିରାଡମ୍ବର ସହକାରେ ପୂଜା ଆରମ୍ଭ ହୋଇ ଦଶହରା ଦିନ ପୂର୍ଣ୍ଣାହୂତି ପରେ ଘଟ ବିସର୍ଜନ କରାଯାଇଥିଲା। ଉକ୍ତ ପୂଜା ମଣ୍ଡପ ହରେକୃଷ୍ଣ ସାମନ୍ତ, ଗୌରହରି ଜେନା, ଆନନ୍ଦ ବେହେରା ଏବଂ ହରିହର ମହାନ୍ତିଙ୍କ ନେତୃତ୍ୱରେ ଦୀର୍ଘ ୫ ବର୍ଷ ଧରି ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ କୋଭିଡ୍ ପାଇଁ କେବଳ ପୂଜାବିଧି ରକ୍ଷା କରାଯାଇ ପୂଜକ ଏବଂ କର୍ତ୍ତାଙ୍କ ଉପସ୍ଥିତିରେ ପୂଜା ସମାପନ ହୋଇଥିଲା। ଆସନ୍ତାବର୍ଷକୁ ଧୁମ୍‌ଧାମ୍‌ରେ ପୂଜା କରିବାର ଆଶା ରଖିଥିବା କଥା ହରେକୃଷ୍ଣ ସାମନ୍ତ ପ୍ରକାଶ କରିଥିଲେ। ଶିଶିର ତୁଙ୍ଗ, ଅଶୋକ ସାମନ୍ତ, ମହେନ୍ଦ୍ର ଗୋଛାୟତ, ଆଲୋକ ସାମନ୍ତ, ନାରାୟଣ ଜେନା, ନବକାନ୍ତ ବେହେରା, ହରିହର ତୁଙ୍ଗ, ସୁକୁମାର ସାମନ୍ତ, ରାଜବୀ ବେହେରାଙ୍କ ସମେତ ପୂଜା କମିଟିର ଅନ୍ୟ ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗ ପୂଜା ସମାପନ ହୋଇଥିଲା।

## ବିଜେଡି ନେତା ଉମାକାନ୍ତ ବାରିକଙ୍କ ପରଲୋକ

**କେନ୍ଦୁଝର, ୨୨।୪(ଡି.ଏନ୍.ଏ.):** କେନ୍ଦୁଝର ଜିଲାର ବରିଷ୍ଠ ବିଜେଡି ନେତା ତଥା ହରିଚନ୍ଦନପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଉମାକାନ୍ତ ବାରିକ ଗୁରୁବାର କେନ୍ଦୁଝର କୋଭିଡ ହସ୍ପିଟାଲରେ କରୋନାରେ ମୃତ୍ୟୁବରଣ କରିଛନ୍ତି। ସେ କିଛିଦିନ ହେବ ଅସୁସ୍ଥ ଥାଇ ରାଙ୍କିଠାରେ ଥିବା କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପ୍ରବାଦ ପୁରୁଷ ବିଜୁବାବୁଙ୍କର ସେ ଜଣେ ଏକାନ୍ତ ଅନୁଗତ ଥିବାବେଳେ ଜିଲା ବିଜୁ ଜନତା ଦଳର ବରିଷ୍ଠ ସଂଗଠକ ଥିଲେ। ଘଷିପୁରା ବିଧାୟକ ତଥା ରାଜ୍ୟ ବିଜେଡି ଉପସଭାପତି ବଦ୍ରିନାରାୟଣ ପାତ୍ର, ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଜିଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲା ବିଜୁ ଜନତା ଦଳ ସଭାପତି ମାଧବ ସର୍ଦ୍ଦାର, ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର, ସାଧାରଣ ସମ୍ପାଦକ ଅଞ୍ଜନ ବେଜ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ଉଦଳା, ୨୨।୪ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ କୁଣ୍ଡାବାଇ ଗ୍ରାମର ଜଣେ ଯୁବକଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ରଞ୍ଜନ କୁମାର ବାଛିନୀ (୩୫)। ସୂଚନା ଅନୁସାରେ, ରଞ୍ଜନ ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ଗ୍ରାମ ନିକଟରେ ଥିବା ନଦୀକୁ ଗାଧୋଇ ଯାଇଥିବା ବେଳେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଖବର ପାଇ ପରିବାର ଲୋକ ପହଞ୍ଚି ଆମ୍ବୁଲାନ୍ସରେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଦଳା ଥାନା ପୋଲିସ ଘଟଣାର ତଦନ୍ତ କରି ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୧) ରୁଜୁ କରିଛି।

## ବଜ୍ରପାତରେ ୩ ଅଚେତ

**ଠାକୁରମୁଣ୍ଡା, ୨୨।୪ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ତହସିଲ ଅଧୀନ ହାତୀଗୋଡ଼ା ପଞ୍ଚାୟତ କାଳିଆଜିଆଣି ଗ୍ରାମରେ ଗୁରୁବାର ସକାଳେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିଲା। ଜୋର୍ ପବନ ଯୋଗୁ ଗ୍ରାମର ଅନେକ ଲୋକଙ୍କ ଘର ଛପର ଉଡ଼ି ଯାଇଛି। କାଳବୈଶାଖୀ ମଙ୍ଗଲୁ ସଏ ଓ ସୁର ସମାଡ ଘରର ଛପର ସମ୍ପୂର୍ଣ୍ଣ ଉଡ଼େଇ ନେଇଥିବା ବେଳେ କେତେଜଣଙ୍କର ଆଂଶିକ ଛପର ଉଡ଼ି ଯାଇଥିବା ଜଣାପଡ଼ିଛି। ଏଥିସହ ବଜ୍ରପାତ ଘଟି ଗ୍ରାମର ଜଗେନ ହେମ୍ବ୍ରମଙ୍କ ସ୍ତ୍ରୀ ବାସନ୍ତୀ, ପୁଅ ସୁନିଲ (୪) ଓ ଝିଅ ରୁପଶ୍ରୀ (୧) ଚେତାଶୂନ୍ୟ ହୋଇପଡ଼ିଥିଲେ। ଜଗେନ ଘରକୁ ଆସି ସେମାନଙ୍କ ଚେତା ଫେରାଇ ଆଣିଥିଲେ। ସେହିପରି ଭାଲିଆଡାଳ ପଞ୍ଚାୟତ ବାଘଦଫା ଗ୍ରାମ ଦେଉଳି ସାହିରେ ବଜ୍ରପାତରେ ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ବୁଧୁରାମ ମୁଣ୍ଡାଙ୍କ ଗୋଟିଏ ଲେଖାଏ ଗାଈ, ବାଛୁରୀ ଓ ବଳଦ ବର୍ଷାରୁ ରକ୍ଷା ପାଇବାକୁ ଘର ନିକଟରେ ଥିବା ଏକ ଗଛ ମୂଳରେ ଆଶ୍ରୟ ନେଇଥିବେଳେ ବଜ୍ରପାତରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

# ମେ' ୨୬ରେ ଲଗ୍ନ, ଜୁନ୍ ୬ରେ ବାହାଘର

**ବାଲେଶ୍ୱର ଅଫିସ, ୨୨।୪**

ବାଲେଶ୍ୱରର ଜଉକଣ୍ଢେଇ ବାହାଘର ଲୋକକଳା, ଲୋକସଂସ୍କୃତି, ଲୋକସାହିତ୍ୟ ଓ ଲୋକ ପରମ୍ପରାର ଅଦ୍ୱିତୀୟ ଲୋକପର୍ବ। କେବଳ ଓଡ଼ିଶାରେ ନୁହେଁ, ସାରା ଭାରତରେ ଏଭଳି ଲୋକପର୍ବ ବିରଳ। ଏକ ବିଲୁପ୍ତ ଲୋକକଳାକୁ ଉଜ୍ଜୀବିତ କରି ପ୍ରଚାର, ପ୍ରସାର ଓ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି ଜଉକଣ୍ଢେଇ ବାହାଘର। ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ପକ୍ଷରୁ ଏକ ନିର୍ଦ୍ଧାରିତ ପିକାରେ ପାଳନ କରାଯାଇଆସୁଛି। ପିକାନୁଯାୟୀ ଦୋଳପୂର୍ଣ୍ଣିମାରୁ ବର-କନିଆ ଜଉକଣ୍ଢେଇର ନାମକରଣ ହୋଇ ରାମନବମୀରେ ତିଆରି ଶୁଭାରମ୍ଭ କରାଯାଇଛି। ସେହିପରି ଆସନ୍ତା ମେ' ୨୬ ଚନ୍ଦନ ପୂର୍ଣ୍ଣିମାରେ ଲଗ୍ନଧରା ଓ ଜୁନ ୬ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ବାହାଘର ହୋଇ ସାବିତ୍ରୀ ଅମାବସ୍ୟାର ଆଗ ଦିନ ଚତୁର୍ଥୀ ଭୋଜି ପରେ ଶେଷ ହେବ ବୋଲି କମିଟି ପକ୍ଷରୁ ଘୋଷଣା କରାଯାଇଛି।



ଜଉ କଣ୍ଢେଇ ତିଆରି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ କମିଟିର କର୍ମକର୍ତ୍ତା।

ଚଳିତବର୍ଷ ବର-କନିଆ ଜଉକଣ୍ଢେଇର ନାମ ପଶ୍ଚିମ ଓଡ଼ିଶାର ସମଲେଇ ଓ ଶମ୍ଭୁନାଥ ଘୋଷଣା କରାଯାଇଛି। ପବିତ୍ର ରାମନବମୀରେ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ବାଲେଶ୍ୱର ସହର ଉପକଣ୍ଠ ରେମୁଣା ଗୋଲେଇ ନିକଟସ୍ଥ କୋଶମ୍ଭ ନଗର ଦୁବଲାଗଡ଼ରେ ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଦ୍ୱାରା ଆୟୋଜିତ ସମଲେଇ ଓ ଶମ୍ଭୁନାଥ ଜଉକଣ୍ଢେଇର ନିର୍ମାଣ କାର୍ଯ୍ୟ ତ୍ରିବେଣୀଶ୍ୱର ଭାଗବତ ପୀଠର ମଠାଧୀଶ ଦୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଅମୃତବେଳାରେ ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ନଦୀର ସଙ୍ଗମସ୍ଥଳ ତ୍ରିବେଣୀ ଘାଟରୁ ଯଥାବିଧି ପୂଜାପାଠ କରାଯାଇ ନିରଞ୍ଜନ ଗିରିଙ୍କ ତତ୍ତ୍ୱାବଧାନରେ ଜଉକଣ୍ଢେଇ ନିର୍ମାଣ ପାଇଁ ଶୁଦ୍ଧପୂତ ଭାବେ ମାଟି ଓ ଜଳ ନେଇ ଦୁବଲାଗଡ଼ରେ ପହଞ୍ଚିଥିଲେ। ଜଉକଣ୍ଢେଇ ବାହାଘରର ଆବାହକ ଶିଳ୍ପୀ କେଶୁଦାସ ମଞ୍ଚ ଆହ୍ୱାନ ସହ ପ୍ରାକ୍ ସୂଚନା ପ୍ରଦାନ କରିଥିବା ବେଳେ କମିଟି କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ରନାଥ ପାତ୍ର ପୌରୋହିତ୍ୟ କରିଥିଲେ। ବାବାଜୀ ଦୟାନନ୍ଦ ଦାସ ଗୁପ୍ତ ପ୍ରୟାଗ ତ୍ରିବେଣୀ ତୀର୍ଥର ପବିତ୍ର ମାଟି ଓ ପାଣିକୁ ପୂଜା କରିବା ପରେ ଜଉକଣ୍ଢେଇ ଶିଳ୍ପୀଗୁରୁ

### ଆରମ୍ଭ ହେଲା ଜଉକଣ୍ଢେଇ ତିଆରି

କନକଲତା ଦାସଙ୍କ ନେତୃତ୍ୱରେ ସାଥୀ ଶିଳ୍ପୀ ସୁରେଖା ବେହେରା, ରାଧାମଣି ସାହୁ, ମାୟା ନାୟକ, ସୁକାନ୍ତି ସାହୁ, ପୁଷ୍ପିତା କରଣ, କବିତା ଦେ, ଫୁଲମଣୀ ସରେନ, ଭାନୁମତି ସାହୁ, ରଜନୀ ସାହୁ ଉକ୍ତ ମାଟି ଓ ପାଣିରେ ଜଉକଣ୍ଢେଇ ଗଢ଼ିବା ଆରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ନୂଆ ବାଲେଶ୍ୱର ଉନ୍ନୟନ କମିଟି ସଭାପତି ଭଗବାନ ଦାସ ଖଣ୍ଡେଲୱାଲ ଯୋଗ ଦେଇଥିଲେ। ବ୍ରହ୍ମନାଥ ରଥ, ବ୍ୟୋମନାଥ ରଥ ପ୍ରମୁଖ କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ସରକାରୀ କୋଭିଡ ନିୟମ ପାଳନ କରାଯାଇଥିଲା। କମିଟି ସଦସ୍ୟା କାଞ୍ଚନବାଳା ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭୀମପୁରାସ୍ଥ କୋଶମ୍ଭ ନଗରର ଦୁବଲାଗଡରେ ଏକ ମାସ ଧରି ମାଗଣା ଜଉକଣ୍ଢେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି ତରଫରୁ ଘୋଷଣା କରାଯାଇଥିଲା।

# ବାସନ୍ତିକ ଦୁର୍ଗାପୂଜା

**ଆରଡ଼ି, ୨୨।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଦୋହରାପାଟଣାଠାରେ କୋଭିଡ୍ କଟକଣା ମଧ୍ୟରେ ୩ ଦିନ ଧରି ଚାଲିଥିବା ବାସନ୍ତିକ ଦୁର୍ଗାପୂଜା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଭୋରରେ ମହାଷ୍ଟମୀ ପୂଜା ସମାପିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କ ଚରଣାମୃତ ପାନ କରି ବ୍ରତ ଭଙ୍ଗ କରିଥିଲେ। ପରେ ମହାନବମୀ ପୂଜା ଆରମ୍ଭ ହୋଇଥିଲା। ପୁରୋହିତ ଭାବେ ବସନ୍ତ



ଶତପଥୀ ଓ ବିଚିତ୍ରାନନ୍ଦ ପଣ୍ଡା ପୂଜାର୍ଚ୍ଚନା ଥିଲେ। ଶ୍ରୀକାନ୍ତ ନାୟକ ଓ ତାଙ୍କ ସ୍ତ୍ରୀ ଚାରୁବାଳା ସଂକଳ୍ପ କରିଥିଲେ। ଗୁରୁବାର ଦଶହରା ପୂଜା ଅନୁଷ୍ଠିତ ହୋଇଥିଲା।

## ବ୍ଲାକ୍‌ମେଲିଂ କରୁଥିବା ଯୁବକ କୋର୍ଟଚାଲାଣ

**ସୋର, ୨୨।୪(ଡି.ଏନ୍.ଏ.)**

ପ୍ରେମ ନାମରେ ଯୁବତୀଙ୍କୁ ବ୍ଲାକମେଲିଂ କରୁଥିବା ଯୁବକଙ୍କୁ ବୁଧବାର ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସୋର ଥାନା ବାହାନଗା ବ୍ଲକ କୋଟିଆକୋଇଲି ଗ୍ରାମର ଶ୍ରୀକୃଷ୍ଣ ମଲ୍ଲିକଙ୍କର ସୋର ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେ ବାଙ୍ଗାଲୋରରେ ଏକ ବଡ଼ କମ୍ପାନୀରେ କାମ କରୁଥିବା କହି ଯୁବତୀଙ୍କ ଫସାଇବାକୁ ଚେଷ୍ଟା କରିଥିଲେ। ହେଲେ ଯବତୀଜଣକ ରାଜି ନ ହେବାରୁ ସେ ବିଭିନ୍ନ ଉପାୟରେ ବ୍ଲାକମେଲିଂ କରି ଚାଲିଥିଲେ। ଉପାୟ ନ ପାଇ ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଚତୁରତାର ସହିତ ଯୁବତୀଙ୍କ ମାଧ୍ୟମରେ ଶ୍ରୀକୃଷ୍ଣଙ୍କୁ ଡକାଇଥିଲେ। ବୁଧବାର ରାତିରେ ପ୍ରଶାନ୍ତି ଏକ୍ସପ୍ରେସରେ ଶ୍ରୀକୃଷ୍ଣ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## କାର୍ ଦୁର୍ଘଟଣାରେ ୨ ଗୁରୁତର

**ସୋର, ୨୨।୪(ଡି.ଏନ.ଏ.)**

ସୋର ନିକଟ ଜାତୀୟ ରାଜପଥ ସୋର ଦହିସଡ଼ା ବାବା ରାଇସ ମିଲ୍ ଆଗରେ ଏକ କାର ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବାରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ମୟୂରଭଞ୍ଜ ଜିଲା ବାରିପଦା ଅଞ୍ଚଳର ରତିକାନ୍ତ ବେହେରା ଏବଂ କୁଆଖିଆ ଅଞ୍ଚଳର କାର୍ତ୍ତିକ ସାହୁ ଏକ କାର୍ (ନଂ.ଓଡି଼୧୧ଏମ୍୫୬୦୬)ରେ ଭଦ୍ରକରୁ କାମ ସାରି ଉଦଳା ଫେରୁଥିବା ବେଳେ ଏହି ମିଲ ନିକଟରେ ଏକ ବାଇକ୍ ଆରୋହୀଙ୍କୁ ବଞ୍ଚଇବାକୁ ଯାଇ ଭାରସାମ୍ୟ ହରାଇ ନୟନଜୋରିରେ ଥିବା ଏକ ବିଦ୍ୟୁତ ଖୁଣ୍ଟିରେ ପିଟି ହୋଇଥିଲେ। ଫଳରେ ରତିକାନ୍ତ ଏବଂ କାର୍ତ୍ତିକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସରେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି।

## କାର୍ଯ୍ୟରେ ଯୋଗ ଦେଲେ ଜିଲା ସଂସ୍କୃତି ଅଧିକାରୀ

**କେନ୍ଦୁଝର, ୨୨।୪(ଡି.ଏନ.ଏ.)**

ସୁଶ୍ରୀ ମନସ୍ୱିନୀ ରାଉତ ଚଳିତ ଏପ୍ରିଲ ୨୨ ତାରିଖ ଗୁରୁବାର ପୂର୍ବାହ୍ନରେ କେନ୍ଦୁଝର ଜିଲା ସଂସ୍କୃତି ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ଜିଲାପାଳଙ୍କୁ ସାକ୍ଷାତ କରି ନିଜର ଯୋଗଦାନ ପତ୍ର ପ୍ରଦାନ କରିବା ସହିତ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ଜିଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀଙ୍କ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଛି। ସୁଶ୍ରୀ ମନସ୍ୱିନୀ ଏହା ପୂର୍ବରୁ ଭଦ୍ରକ ଜିଲା ସଂସ୍କୃତି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।

# ଚାନ୍ଦବାଲିଆରେ ଖୋଲିବ କୋଭିଡ୍ ହସ୍ପିଟାଲ

**ଚାନ୍ଦବାଲି ୨୨।୪(ଡି.ଏନ.ଏ)**

ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଚାନ୍ଦବାଲିରେ ବଢ଼ିବାରେ ଲାଗିଛି। ଏହାକୁ ଆଖି ଆଗରେ ରଖି ଜିଲାପ୍ରଶାସନର ନିର୍ଦ୍ଦେଶକ୍ରମେ ଚାନ୍ଦବାଲିରେ ୫୦ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି। ଏନେଇ ଚାନ୍ଦବାଲି ଏନଏସି ଅଧିକାରୀ ଗୌରହରି ମହାନ୍ତ ଓ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ଖୋଲିବାକୁ ଥିବା କୋଭିଡ ହସ୍ପିଟାଲର ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ କରିଛନ୍ତି। ସୂଚନା ଅନୁସାରେ ଚାନ୍ଦବାଲି ପ୍ରଶାସନ ପକ୍ଷରୁ କୋଭିଡ ମୁକାବିଲା ପାଇଁ ବହୁବିଧି ପଦକ୍ଷେପ ଗ୍ରହଣ କରାଯାଇ ସୀମାନ୍ତ ଚେକପୋଷ୍ଟ ଠାରୁ ଆରମ୍ଭ କରି ନିୟମିତ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯିବା ସହିତ ମାସ୍କ ଓ ସାମାଜିକ ଦୂରତାକୁ କଡାକଡି କରାଯାଇଛି। ଉପଖଣ୍ଡ ଚିକିତ୍ସାଳୟରେ ନିୟମିତ କୋଭିଡ ପରିକ୍ଷା କରାଯାଇ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା



ଅଧିକାରୀମାନେ ମେଡ଼ିକାଲ ତଦାରଖ କରୁଛନ୍ତି।

### ବଢୁଛି କରୋନା ସଂକ୍ରମିତଙ୍କ ସଂଖ୍ୟା

ସେବା ପ୍ରଦାନ କରାଯାଇଥିବା ଜଣାଯାଇଛି। ମାତ୍ର ଦିନକୁ ଦିନ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବାରୁ କୋଭିଡ ହସ୍ପିଟାଲ ଆସନ୍ତା ୨୪ ତାରିଖରେ ଖୋଲା ହେବ ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ଏଥିପାଇଁ ୩ ଜଣ ଡାକ୍ତରଙ୍କ ସମେତ ଆବଶ୍ୟକ ଫାର୍ମାସିଷ୍ଟ ଓ ନର୍ସ ନିୟୋଜିତ କରାଯିବ। ଫଳରେ ସଂକ୍ରମିତ ରୋଗୀ ସହଜରେ ସେବା ପାଇପାରିବେ ବୋଲି ଚିକିତ୍ସା ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ସରକାରଙ୍କ ଗାଇଡ ଲାଇନକୁ ସମସ୍ତ ଜନସାଧାରଣ ମାନିବାକୁ ଏନଏସି ପକ୍ଷରୁ ଅନୁରୋଧ କରାଯାଇଛି।

# ଖଇରାରେ ପବିତ୍ର ରାମନବମୀ



ଶ୍ରଦ୍ଧାଳୁମାନେ ରାମାୟଣ ଶୁଣୁଛନ୍ତି।

**ଖଇରା, ୨୨।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ସୁନ୍ଦିରା ହନୁମାନ ମନ୍ଦିର ପରିସରରେ ରାମ ନବମୀ ନିରାଡମ୍ବରରେ ପାଳିତ ହୋଇଯାଇଛି। ସକାଳେ ମହାମନ୍ତ୍ର ଉଚ୍ଚାରଣ ପୂର୍ବକ ସ୍ଥାନୀୟ ଗ୍ରାମ ପୋଖରୀରୁ କଳସ ଅଣାଯାଇଥିଲା। ଜଗନ୍ନାଥ ପଣ୍ଡା ଓ ପଦ୍ମନାଭ ମିଶ୍ରଙ୍କ ଦ୍ୱାରା ଯଜ୍ଞ ତଥା ରାମ ଲକ୍ଷ୍ମଣ ସୀତା ଓ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶଙ୍କର୍ଷଣ ରାୟ, ଉମେଶ ଚନ୍ଦ୍ର ନାୟକ, ଶିଶିର କୁମାର ନାୟକ, ମନ୍ମଥ ଦାସ, ବସନ୍ତ ଲେଙ୍କା, ଜିତେନ୍ଦ୍ର ସିଂ ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ବାଣପୁରରେ ରାମଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମନବମୀ ପାଳିତ ହୋଇଛି। ପୂଜକଙ୍କ ଦ୍ୱାରା ରାମାୟଣ ପାଠ କରାଯାଇଥିଲା।

## ରାମନବମୀ ଉତ୍ସବ

**ବୈଶିଙ୍ଗା, ୨୨।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗାଠାରେ ଥିବା ଶିରିଡ଼ି ସାଇ ପୀଠରେ ବୁଧବାର ରାମନବମୀ ଉତ୍ସବ ନିରାଡ଼ମ୍ବରରେ ପାଳିତ ହୋଇଯାଇଛି। ସକାଳେ ସର୍ବପ୍ରଥମେ ଶ୍ରଦ୍ଧାଳୁମାନେ କାକଡ ଆରତି କରିବା ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଅନ୍ନଦାନ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ସାଇବାବାଙ୍କ ଧୂପ ଆଳତି ଭକ୍ତମାନଙ୍କ ଦାରା ସମ୍ପାଦିତ ହୋଇଥିଲା। ପୂଜକ ରାଜୀବ ଲୋଚନ ପଣ୍ଡା ସମସ୍ତ ପୂଜା ବିଧି ସୁଚାରୁରୂପେ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ମଧ ପ୍ରସାଦ ବିତରଣ କରାଯାଇଥିଲା। ପଙ୍କଜ କୁମାର ପଣ୍ଡା, ମହେନ୍ଦ୍ର କୁମାର ଗୋଛାୟତ, ଜନ୍ମେଜୟ ଭଞ୍ଜ, ରତନ ଦାଶ, କମଳାକାନ୍ତ ବେହେରା, କାର୍ତ୍ତିକ ନାୟକ, ସୁବାସ ଚନ୍ଦ୍ର ପଣ୍ଡା, ମନୋରଞ୍ଜନ ଉପାଧ୍ୟାୟ, ସ୍ୱରାଜ ଦାଶ, ବ୍ରହ୍ମାନନ୍ଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୋଗୁପୁରରେ ବିଶ୍ୱ ଧରିତ୍ରୀ ଦିବସ

**ଖଇରା, ୨୨।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଭୋଗୁପୁର ଗ୍ରାମରେ ଗୁରୁବାର ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଆବାହକତ୍ୱରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ବେହେରା, କରୁଣାକର ବେହେରା, ରମେଶ ବାରିକ, ବାବୁ ବେହେରା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ, ପ୍ଲାଷ୍ଟିକ ପୁନଃ ବ୍ୟବହାର ସାଙ୍ଗକୁ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋଚନା କରିଥିଲେ। ପରେ ଗ୍ରାମରେ ବୃକ୍ଷରୋପଣ କରାଯିବା ସହ ଗ୍ରାମ ପରିବେଶକୁ ସଫାସୁତୁରା କରାଯାଇଥିଲା।




ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ପରିବେଶକୁ ପରିଷ୍କାର କରାଯାଉଛି।

## କାଳବୈଶାଖୀ: ଉଡ଼ିଗଲା ଆଜବେଷ୍ଟସ, ଉପୁଡ଼ିଲା ଗଛ

**ପାଟଣା, ୨୨।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ଗୁରୁବାର ସକାଳୁ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ସକାଳ ୮ଟାଯାଏ ଅନ୍ଧାର ହୋଇ ରହିଥିଲା। ଘଡ଼ଘଡି ସହ ପ୍ରବଳ ବର୍ଷା ପବନରେ ଅନେକ ବଡ଼ ଗଛ ଭାଙ୍ଗିପଡିବା ସହ ଘରର ଆଜବେଷ୍ଟସ ଉଡିଯାଇଛି। ସକାଳୁ ବିଦ୍ୟୁତ୍ ସରବରାହ ବ୍ୟାହତ ଘଟିଛି। ମାଧପୁର ଗ୍ରାମ ଧଉଳି ସାହିର ଆଶୀର୍ବାଦ ମହାନ୍ତଙ୍କର ୨ ବଖରା ରୋଷେଇ ଘର ଆଜବେଷ୍ଟସ ସମ୍ପୂର୍ଣ୍ଣ ଉଡିଯାଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିଭଳି ଟାଙ୍ଗରପଡା ପଞ୍ଚାୟତ ଅଙ୍କୁରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ଶୋଇବା ଘର ଆଜବେଷ୍ଟସ ଉପରେ ଏକ ଗଛ ପଡ଼ିଯିବାରୁ ଛପର ଭାଙ୍ଗିଯାଇଛି। ପାଟଣା ମୁଖ୍ୟାଳୟ ସ୍ଥିତ ରେଞ୍ଜ ଅଫିସ କାର୍ଯ୍ୟାଳୟରେ ଥିବା ଏକ ବହୁ ପୁରାତନ କୃଷ୍ଣଚୁଡା ଗଛ ଭାଙ୍ଗିପଡିବାରୁ ରାସ୍ତା ଜାମ ହୋଇଯାଇଥିଲା। ବନ କର୍ମଚାରୀ ମିଳିମିଶି ଗଛ କାଟିବା ପରେ ରାସ୍ତା ସ୍ୱାଭାବିକ ହୋଇଛି।



କାଳବୈଶାଖୀରେ କ୍ଷତିଗ୍ରସ୍ତ ଘର।

# ନିର୍ମାଣକୁ ୪ ମାସ ପୂରିନି, ରାସ୍ତା ଫାଟି ଆଁ

**ଭଦ୍ରକ ଅଫିସ, ୨୨।୪**

ଭଦ୍ରକ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପକ୍ଷରୁ ନିଜସ୍ୱ ବଜାର ପରିସରଠାରୁ ଚନ୍ଦନବଜାର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ କରାଯାଇଥିଲା। ନିର୍ମାଣକୁ ମାତ୍ର ୪ ମାସ ବି ପୂରିନି ରାସ୍ତା ଫାଟି ଆଁ କରିଛି। ଫଳରେ ରାସ୍ତାକାମ ନିମ୍ନମାନର କରାଯାଇଥିବା ଅଭିଯୋଗ କରି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ୨୦୨୦ ନଭେମ୍ବରରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଚଳିତବର୍ଷ ଜାନୁୟାରୀରେ ଶେଷ ହୋଇଥିଲା। ୩୯ ଲକ୍ଷ ୯୪ ହଜାର ୮୨୭ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କରାଯାଇଛି। ନିର୍ମାଣ କାର୍ଯ୍ୟ କରିଥିବା କେନ୍ଦୁଝରର ଜଣେ ଠିକାଦାର



ଫାଟିଥିବା କଂକ୍ରିଟ ରାସ୍ତା।

ନିକଟରେ ପ୍ରାପ୍ୟ ନେଇସାରିଥିବା ଜଣାପଡ଼ିଛି। ନିର୍ମାଣ ହେବାର ୪ ମାସ ବିତି ନ ଥିବା ବେଳେ ରାସ୍ତା ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏପରିକି ଚନ୍ଦନ ବଜାର ଅଞ୍ଚଳର ରମେଶ ସିଂଙ୍କ ୭ ବର୍ଷର ପୁଅ ରାସ୍ତା ଫାଟରେ ପଡ଼ି କ୍ଷତାକ୍ତ ହୋଇଥିବା ନଜିର ରହିଛି। ନିମ୍ନମାନର କାମ ହୋଇଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାଗଜ କଲମରେ କେନ୍ଦୁଝର ଠିକାଦାରଙ୍କ ନାଁ ନେଇ ଭଦ୍ରକର କେତେଜଣ କଳା ତାଲିକାଭୁକ୍ତ ଠିକାଦାରଙ୍କ ଏଭଳି କାର୍ଯ୍ୟ ବୋଲି କୁହାଯାଉଛି। ଏହାକୁ ନେଇ ପୁରୁଣାବଜାର ଅଞ୍ଚଳରେ ଜନଅସନ୍ତୋଷ ଦେଖାଦେଇଛି। ୪୦ ଲକ୍ଷର କାମ ୪ ମାସ ନ ଯିବା ଘଟଣାର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି କମ୍ୟୁନିଷ୍ଟ ନେତା ଦିବ୍ୟସିଂହ ନାୟକ ଦାବି କରିଛନ୍ତି। ଏଥିସହ ସମ୍ପୃକ୍ତ ଠିକାଦାରଙ୍କ ଏହିଭଳି ଅନେକ କାର୍ଯ୍ୟର ସ୍ଥାୟିତ୍ୱ ଯାଞ୍ଚ ପାଇଁ ଭିଜିଲାନ୍ସ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ବିକାଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ କହିଛନ୍ତି, ରାସ୍ତା ଫାଟିବା ବିଷୟରେ ସେ ଜାଣିଛନ୍ତି। ତେବେ କ'ଣ ହୋଇପାରିବ ଦେଖିବେ ବୋଲି ସେ କହିଛନ୍ତି।

## ଯୌତୁକ ନିର୍ଯାତନା ଅଭିଯୋଗ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ମାଛଗଡ଼ ପଞ୍ଚାୟତ କମାରମରା ଗାଁର ବର୍ଷା ମୁଖୀ ନାମ୍ନୀ ଜଣେ ମହିଳା ଯୌତୁକ ନିର୍ଯାତନା ଅଭିଯୋଗ କରିଛନ୍ତି। ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ପ୍ରଶାଦ ଆଇଚ ପାଟଣା ଥାନାରେ ଏକ ମାମଲା (ନଂ.୫୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ସୂଚନା ଯୋଗ୍ୟ ଯେ ସାହାରପଡା ବ୍ଲକ ମାଛଗଡ଼ ପଞ୍ଚାୟତ ଦେବେନ୍ଦ୍ର ମହାନ୍ତ ୬ ବର୍ଷ ପୂର୍ବେ ଯାଜପୁର ଜିଲା କୋରେଇ ଥାନା ଇଟାପୁର ଗାଁର ବର୍ଷାଙ୍କୁ ପ୍ରେମ ବିବାହ କରିଥିଲେ। ସ୍ୱାମି, ଶାଶୁ ଓ ଦେଢଶୁର ତାଙ୍କୁ ଯୌତୁକ ନିର୍ଯାତନା ଦେଉଥିବା ନେଇ ଏତଲାରେ ଦର୍ଶାଇଛନ୍ତି।

## ସଂକ୍ଷେପରେ

### କୁକୁର କାମୁଡ଼ାରେ ନାବାଳିକା ଗୁରୁତର

ତେଲକୋଇ, ୨୨।୪(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ଜଗମୋହନପୁର ପଞ୍ଚାୟତର ଚୁଙ୍ଗୁଡ଼ୁବାହାଳ ଗ୍ରାମରେ ଗୁରୁବାର ଶୁଭସ୍ମିତା ଦେହୁରୀ ନାମ୍ନୀ ଜଣେ ନାବାଳିକାଙ୍କୁ ସଂଘ ବଦ୍ଧ ଭାବେ କୁକୁର ଆକ୍ରମଣ କରିଥିବାରୁ ସେ ଗୁରୁତର ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ତେଲକୋଇ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ କେନ୍ଦୁଝର ମେଡିକାଲରେ ଭର୍ତ୍ତି କରିଛନ୍ତି। ଘଟଣା ଅନୁଯାଇ ଗୁରୁବାର ସକାଳେ ଝଡ ତୋଫାନ ହୋଇଥିଲା। ଝଡ ତୋଫାନ ପରେ ଶୁଭସ୍ମିତା ନିକଟସ୍ଥ ଆମ୍ବ ବଗିଚାକୁ ଆମ୍ବ ଗୋଟେଇବାକୁ ଯାଇଥିଲା। ଉକ୍ତ ସମୟରେ ୬ରୁ ଉର୍ଦ୍ଧ୍ୱ ବୁଲା କୁକୁର ତାଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ତେବେ ମୁଣ୍ଡରେ ଗଭୀର କ୍ଷତ ହୋଇଥିବାରୁ ତାଙ୍କୁ ତୁରନ୍ତ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

### ଟ୍ରକ୍ ଧକ୍କାରେ ଶ୍ରମିକଙ୍କ ଜୀବନ ଗଲା

କେନ୍ଦୁଝର, ୨୨।୪(ଡି.ଏନ୍.ଏ.): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଏକ ଲୌହଖଣିରୁ ଖଣିଜ ପଥର ଲୋଡିଂ କରି ଆସୁଥିବା ଟ୍ରକ୍ ତଳକଇଁସାରୀ ମୁଣ୍ଡାସାହି ନିକଟରେ ଜଣେ ଶ୍ରମିକଙ୍କୁ ଧକ୍କା ଦେବାରୁ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୟନ୍ତ ପଲେଇ। ସେ ଗୁରୁବାର ଖଣିରେ କାମ କରି ସନ୍ଧ୍ୟାରେ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଶ୍ରମିକଙ୍କ ମୃତ୍ୟୁ ପରେ ସ୍ଥାନୀୟ ଇଚିଣ୍ଡା, ଅଞ୍ଜର, କଣ୍ଡାକୋଳି ଅଞ୍ଚଳର ଲୋକ କ୍ଷତିପୂରଣ ଦାବିରେ ଖଣି ରାସ୍ତାରେ ଗଛ ପକାଇ ରାସ୍ତା ରୋକୋ କରିଛନ୍ତି। ମୃତକଙ୍କ ଘର କଣ୍ଡାକୋଳି ଗ୍ରାମରେ ବୋଲି ଜଣାପଡିଛି।

### ପୂର୍ବତନ ନଗରପାଳଙ୍କ ପରଲୋକ

ବଡବିଲ, ୨୨।୪(ସ୍ୱ.ପ୍ର): କେନ୍ଦୁଝର ଜିଲା ବଡବିଲ ପୌରପାଳିକାର ପୂର୍ବତନ ନଗରପାଳ ଦୈତାରୀ ମହାନ୍ତଙ୍କର ବୁଧବାର ରାତିରେ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ଦୀର୍ଘ ବର୍ଷ ଧରି ଦୈତାରୀ ବୃଦ୍ଧାବସ୍ଥା ରୋଗରେ ପୀଡ଼ିତ ଥିଲେ।

### ଏଫଏମ୍ ବିଶ୍ୱବିଦ୍ୟାଳୟରେ ଶୋକସଭା

ବାଲେଶ୍ୱର ଅଫିସ,୨୨।୪-ବାଲେଶ୍ୱର ଜିଲା ରେମୁଣା ନୂଆପାଢ଼ିସ୍ଥିତ ଫକୀରମୋହନ(ଏଫଏମ୍) ବିଶ୍ୱବିଦ୍ୟାଳୟ ପରିସରରେ ଅଣଶିକ୍ଷକ କର୍ମଚାରୀ ସଂଘ ଆନୁକୂଲ୍ୟରେ ସ୍ୱର୍ଗତ ଦୀନବନ୍ଧୁ ମିଶ୍ରଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମିଶ୍ର ଗତ ୨୦ତାରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଅଫିସ୍ ଆଗରେ ଆତ୍ମାହୁତି ଦେଇଥିଲେ। ତାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ କର୍ମଚାରୀ ସଂଘର ସଭାପତି ଉପେନ୍ଦ୍ର ପ୍ରସାଦ ଜେନା, ସମ୍ପାଦକ ପ୍ରଦୀପ କୁମାର ଗାଣ ଓ ବରିଷ୍ଠ କର୍ମଚାରୀ ସୁଶାନ କୁମାର ଦାସ ପ୍ରମୁଖ ଆତ୍ମାହୁତି ଦେଇଥିବା ମିଶ୍ରଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ।

### ବରିଷ୍ଠ କ୍ରୀଡ଼ାବିତ୍ ସୌମିତ୍ର ବୋଷଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା,୨୨।୪(ଡି.ଏନ.ଏ.):ବରିଷ୍ଠ କ୍ରୀଡ଼ାବିତ୍ ସୌମିତ୍ର ବୋଷଙ୍କ ବିୟୋଗରେ ବାରିପଦା ଷ୍ଟାଡିୟମରେ ଗୁରୁବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ସଂସଦ ସମ୍ପାଦକ କିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଭିନ୍ନ ଅନୁଷ୍ଠାନର ସଭ୍ୟମାନେ ଉପସ୍ଥିତ ଥିଲେ। ଦିବଂଗତ ବରିଷ୍ଠ କ୍ରୀଡ଼ାବିତ୍‌ଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସେମାନେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

### ଅଣ୍ଡାଇଲୋରେ ମଧୁଗଣେଶ ପୂଜା

ଖଇରା, ୨୨।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମରେ ପ୍ରତିବର୍ଷ ପରି ଚଳିତବର୍ଷ ମଧୁ ଗଣେଶ ପୂଜା ପାରମ୍ପରିକ ରୀତିରେ ଶେଷ ହୋଇଛି। ପୁରୁଷୋତ୍ତମ ଜେନା, ନିରଞ୍ଜନ ବିଶ୍ୱାଳ, ମନ୍ଦରଧର ନାୟକ, ଜୟଦେବ ବିଶ୍ୱାଳ, ଭରତ ପୃଷ୍ଟି ପ୍ରମୁଖଙ୍କ ଦ୍ୱାରା କଳସ ଅଣାଯାଇଥିଲା। ପୂଜକ ରବୀନ୍ଦ୍ର ଦାଶଙ୍କ ଦ୍ୱରା ବୁଧବାର ନବମୀ ଓ ଗୁରୁବାରର ଦଶମୀ ପୂଜା ଆଧାତ୍ମିକ ପରିବେଶ ମଧ୍ୟରେ ଅଳ୍ପ କେତେଜଣ ଭକ୍ତଙ୍କ ମଧ୍ୟରେ ଶେଷ ହୋଇଥିଲା।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ତାତିଲେ ଲୋକେ

ଉଦଳା, ୨୨।୪(ଡି.ଏନ.ଏ.)

- ଡାକ୍ତରଖାନା ପୋଲିସ ଛାଉଣୀ
- ଇନ୍‌ଚାର୍ଜ ମେଡିକାଲ ଅଫିସର ଅଟକ
- କପ୍ତିପଦା ଏସ୍‌ଡିଏମଓଙ୍କୁ ତାଲା

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ଶ୍ରୀଦାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାରମ୍ବାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି। ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ମେଡିକାଲ୍ ଅଫିସର ଏବଂ ଏସ୍‌ଡିଏମ୍‌ଓ।

ସ୍ଥାନୀୟ ଅଞ୍ଚଳର ରୂପାଇ ବାସ୍କେଙ୍କ ସ୍ତ୍ରୀ ଗୁରୁବାର ରକ୍ତଚାପ ଯୋଗୁ ସଂଜ୍ଞାହୀନ ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ରୂପାଇ ଶ୍ରୀଦାମଚନ୍ଦ୍ରପୁର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ନ ଥିଲେ। ଫଳରେ ଷ୍ଟାଫ୍ ନର୍ସମାନେ ରୂପାଇଙ୍କ ସ୍ତ୍ରୀଙ୍କ ଚିକିତ୍ସା କରିଥିଲେ। ଏନେଇ ଅସନ୍ତୋଷ ଆରମ୍ଭ ହୋଇଥିଲା। ବାରମ୍ବାର ଡାକ୍ତରଙ୍କ ଅନୁପସ୍ଥିତିକୁ ଲୋକେ ବିରୋଧ କରିଥିଲେ। ଶତାଧିକ ମହିଳା ପୁରୁଷ ଏକାଠି ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରିବା ସହିତ ଡାକ୍ତରଖାନର ଇନଚାର୍ଜ ମେଡିକାଲ ଅଫିସର ବିଜୟ ମହାପାତ୍ରଙ୍କୁ ଅଟକ ରଖିଥିଲେ। ଫଳରେ ଡାକ୍ତରଖାନାରେ ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ କପ୍ତିପଦା ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଶିବାନନ୍ଦ ମହାନ୍ତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଲୋକେ ବୁଝିବା ପରିବର୍ତ୍ତେ ଏସ୍‌ଡିଏମ୍‌ଓଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଫିସ ଭିତରେ ତାଲା ମାରି ଦେଇଥିଲେ । ଡାକ୍ତରଖାନାରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ପୋଲିସ୍ ମୁତୟନ ହୋଇଥିଲେ। ସିଡିଏମ୍‌ଓ ଘଟଣାସ୍ଥଳରେ ପହଞ୍ଚିବାକୁ ଗ୍ରାମବାସୀ ଦାବି କରିଥିଲେ। ହେଲେ ବାରିପଦାରୁ ଆଡିଶନାଲ ପବ୍ଲିକ ମେଡିକାଲ ଅଫିସର ଚାରୁବାଳା ମିଶ୍ରଙ୍କ ସହିତ ଏକ ଟିମ୍ ମେଡିକାଲ ପରିସରରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହିତ ଖୁବ୍‌ଶୀଘ୍ର ଡାକ୍ତରଖାନାରେ କାର୍ଯ୍ୟରତ ଥିବା ଡାକ୍ତରମାନଙ୍କୁ ରେଗୁଲାର ଡାକ୍ତରଖାନା ଆସିବା ଲାଗି ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘ ୪ ଘଣ୍ଟା ପରେ ଏସ୍‌ଡିଏମ୍‌ଓଙ୍କୁ ତାଲା ଖୋଲାଯାଇଥିଲା।



ଗ୍ରାମବାସୀ ଡାକ୍ତରଖାନା ଆଗରେ ଧାରଣା ଦେଇଛନ୍ତି।

# ପିଇଓଙ୍କ କାର୍ଯ୍ୟକଳାପ ନେଇ ଅସନ୍ତୋଷ ତେଜିଲା

ବାରିପଦା ଅଫିସ,୨୨।୪

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାଧପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ତାଙ୍କୁ ତୁରନ୍ତ ବଦଳି କରାଯିବା ପାଇଁ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ପିଇଓଙ୍କ ମନୋମୁଖି କାର୍ଯ୍ୟକଳାପ ଯୋଗୁ ସରକାରୀ ଯୋଜନାରୁ ପଞ୍ଚାୟତବାସୀ ବଞ୍ଚିତ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ବାବୁରାମ ମହାନ୍ତ, ଦୁର୍ଗାଚରଣ ମହାନ୍ତ, ଭୀମ ମହାନ୍ତ, ଗଦାଧର ମହାନ୍ତ ପ୍ରମୁଖ ପ୍ରକାଶ କରିଛନ୍ତି। ମାଧପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଚିନ୍ତାମଣି ଗୁଡ୍ଡୁ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ପ୍ରଭାତ ଜେନା, ପୂର୍ଣ୍ଣଚନ୍ଦ୍ର ହାଁସଦା ପ୍ରମୁଖ ବିଡିଓ କରୁଣାକର ଧିନ୍ଦାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

**କାର୍ଯ୍ୟାନୁଷ୍ଠାନ ନ ହେଲେ ବିକ୍ଷୋଭ ଚେତାବନୀ**

# ଉଚ୍ଛେଦକୁ ନେଇ ଉତ୍ତେଜନା



ଉଚ୍ଛେଦ ବେଳେ ପୋଲିସ ଓ ଗ୍ରାମବାସୀ ମୁହାଁମୁହିଁ।

ଯୋଡ଼ା/ଚମ୍ପୁଆ,୨୨।୪(ଡି.ଏନ୍.ଏ)

**୪୦ ଜଣଙ୍କୁ ଗିରଫ କଲା ପୋଲିସ**

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ କାନପୁର ବୃହତ୍ତ ଜଳସେଚନ ପ୍ରକଳ୍ପ ପାଇଁ ଗ୍ରାମ ଉଚ୍ଛେଦ ପ୍ରକ୍ରିୟା ପ୍ରଶାସନ ପକ୍ଷରୁ ଆରମ୍ଭ କରିବା ପୂର୍ବରୁ ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇଛନ୍ତି। ଘଟଣା ସ୍ଥଳରେ ୧୪୪ ଧାରା ଜାରି କରାଯାଇଥିଲେ ମଧ୍ୟ ବିସ୍ଥାପିତ ଗ୍ରାମବାସୀ ସରକାରଙ୍କ ନିୟମ ମୁତାବକ ସମସ୍ତ ଅନୁଦାନ ରାଶି ପ୍ରଦାନ କରିବାକୁ ଦାବି କରି ମେଳି କରିଥିଲେ। କେନ୍ଦୁଝର ଆଡିଶନାଲ ଏସ୍‌ପିଙ୍କ ନେତୃତ୍ୱରେ ୭ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ନିୟୋଜିତ କରାଯାଇଥିଲା। ଗ୍ରାମବାସୀଙ୍କୁ ଘଉଡାଇବାକୁ ପୋଲିସ ଆରମ୍ଭ କରିଥିବାବେଳେ ଉଭୟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ପୋଲିସ ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରୁ ୪୦ଜଣଙ୍କୁ ଗିରଫ କରିଥିବାବେଳେ ୫ଜଣଙ୍କୁ କୋର୍ଟଚାଲାଣ କରିଛି। ଅନ୍ୟ ୩୫ଜଣଙ୍କୁ ବ୍ୟକ୍ତିଗତମୁଚାଲିକାରେ ଛଡାଯାଇଥିବା ଜଣାଯାଇଛି। ଘଟଣାସ୍ଥଳରେ ଏସ୍‌ଡିପିଓ ଦିଲିପ ବାଗ, ଯୋଡା, ଚମ୍ପୁଆ, ତୁରୁମୁଙ୍ଗା ଆଇଆଇସି, ଅତିରିକ୍ତ ତହସିଲଦାର ଲଳିତ ନାଏକ, ଚମ୍ପୁଆ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ପୋଲିସ ଏକ ମାମଲା (ନଂ ୬୬/୨୧) ଦାୟର କରିଛି।

# ଜେସିବି, ଟ୍ରକ୍ ଜବତ: ୫ ଗିରଫ

ଯୋଡ଼ା,୨୨।୪(ଡି.ଏନ୍.ଏ.)

**ଲୁହାପଥର ଚୋରା ଚାଲାଣ**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ଅଞ୍ଚଳରୁ ପୋଲିସ ଚୋରା ଲୁହା ପଥର ଚାଲାଣ ବେଳେ ଚଢାଉ କରି ଗୋଟିଏ ଟ୍ରକ ଓ ଜେସିବିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡଖଣ୍ଡ ରାଜ୍ୟ ଗିରିଡି ଜିଲା ପଣ୍ଡାରିଆ ଅଞ୍ଚଳର ୟୁସୁଫ ଆନ୍‌ସାରୀ, ରାଞ୍ଚି ଜିଲା ସଲଗଡି ଅଞ୍ଚଳର ମିଥୁନ ମୁଣ୍ଡା, ସନ୍ତୋଷ ମହାତ, କେନ୍ଦୁଝର ଜିଲା ସିଆଳିଯୋଡାର କିଶୋର ମୁଣ୍ଡା, ଗୁରୁ ଚରଣ ହୋ। ମଙ୍ଗଳବାର ରାତିରେ ଦେଓଝର ରେଳ ସାଇଡିଂ ନିକଟରେ ବହୁ ଦିନରୁ ଗଚ୍ଛିତ ଥିବା ଗୁଣ୍ଡ ଲୁହା ପଥରକୁ ଏକ ୧୦ଚକିଆ ଟ୍ରକ୍ ଏବଂ ଜେସିବି ଯୋଗେ ଦୁର୍ବୃତ୍ତମାନେ ଲୋଡ୍ କରୁଥିବା ବେଳେ ଯୋଡା ଥାନା ଆଇଆଇସି ରାଇସେନ ମୁର୍ମୁ, ବିଲେଇପଦା ଫାଣ୍ଡି ଅଧିକାରୀ ଶେଖ୍ ଆଖାରୁଦ୍ଦିନ, ସବ୍‌ଇନ୍ସପେକ୍ଟର ସୁନୀଲ କୁମାର ସାମଲ ପ୍ରମୁଖ ସଦଳବଳେ ଚଢାଉ କରି ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତେବେ ଆଇଆଇସି ମୁର୍ମୁ ସୂଚନା ଦେଇ କହିଛନ୍ତି ଯେ, ଖଣି ବିଭାଗ ପକ୍ଷରୁ ଜବତ କରାଯାଇ ବହୁ ଦିନରୁ ଗଚ୍ଛିତ ଥିବା ଉଚ୍ଚମାନର ଗୁଣ୍ଡ ଲୁହା ପଥରରୁ ଶତକଡା ୯୦ ପ୍ରତିଶତ ଖଣିଜ ଚୋରମାନେ ଚୋରି କରି ନେଇ ଗଲେଣି। ରକ୍ଷଣା ବେକ୍ଷଣ ଅଭାବରୁ ଏହି ଲୁହା ପଥର ଉପରେ ଚୋରମାନଙ୍କର ଲୋଲୁପ ଦୃଷ୍ଟି ପଡିଥିବା ସେଠାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଭୟ ନ କରି ଚୋରମାନେ ମେଶିନ ଲଗାଇ ଚୋରି କରୁଛନ୍ତି।

## ଯାତ୍ରୀବାହୀ ବସ୍ ଥାନାରେ ଅଟକ

ସାରସକଣା, ୨୨।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଥିଲା ବେଳେ ସରକାରୀ ଗାଇଡଲାଇନକୁ ମାନୁନାହାନ୍ତି କେତେକ ଅମାନିଆ ଯାତ୍ରୀବାହୀ ବସ। କରୋନାର ଦ୍ୱିତୀୟ ଲହର ସାରା ଦେଶ ସହିତ ଜିଲାରେ ନିଜ କାୟା ବିସ୍ତାର କରିଚାଲିଛି। ମୟୂରଭଞ୍ଜ ଜିଲାରେ ନାଇଟ କର୍ଫ୍ୟୁ ଲାଗୁ ହୋଇଥିବାବେଳେ ଗତ ବୁଧବାର ରାତିରେ କରିଆରୁ କୋଲକାତା ଅଭିମୁଖେ ଯାଉଥିବା ମା' ଦୁର୍ଗା ନାମକ ଏକ ଯାତ୍ରୀବାହୀ ବସ୍ ଖାରପୋଖରିଆ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ନିର୍ମାଣାଧୀନ ଟୋଲପ୍ଲାଜା ନିକଟରେ ଧରିଥିଲେ। ଆନ୍ତଃ ରାଜ୍ୟ ବସ୍ ସେବା ବନ୍ଦ ଥିବା ସତ୍ତ୍ୱେ ବସ୍‌ଟି କରିଆରୁ ଖାରପୋଖରିଆ ଅଞ୍ଚଳକୁ କେମିତି ପହଞ୍ଚିଲା ତାହା ଏବେ ସମସ୍ତଙ୍କୁ ଚକିତ କରିଛି। ତେବେ ଏହାକୁ ନେଇ ଖାରପୋଖରିଆ ପୋଲିସ ଏକ ମାମଲା (ନଂ. ୯୪/୨୧) ରୁଜୁକରି ବସ ଡ୍ରାଇଭର ରହିମ ଶେଖ ଓ ହେଲପର ସୂତିସ ଦେଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ହଣ୍ଟର ଏକାଦଶ ଚାମ୍ପିୟନ





ଚାମ୍ପିୟନ ଟିମ୍ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛି।

ଭଣ୍ଡାରିପୋଖରୀ, ୨୨।୪ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବୋଧପଡ଼ା ଗ୍ରାମଠାରେ ଜଗନ୍ନାଥ ସ୍ମାରକୀ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଧାମନଗର ତାଳପଦା ଟିମ୍‌କୁ ହରାଇ ଭଦ୍ରକ ହଣ୍ଟର ଏକାଦଶ ଚାମ୍ପିୟନ ହୋଇଛି। ତାଳପଦା ଟିମ୍ ୬ ଓଭରରେ ୬ ଉଇକେଟ ହରାଇ ୮୩ ରନ୍ କରିଥିଲା। ହଣ୍ଟର ଏକାଦଶ ୫.୩ ଓଭରରେ ଗୋଟିଏ ଉଇକେଟ ହରାଇ ୮୪ ରନ୍ କରି ବିଜୟୀ ହୋଇଥିଲା। ହଣ୍ଟର ଏକାଦଶର ଆକାଶ ପାତ୍ର ମ୍ୟାନ ଅଫ୍ ଦି ସିରିଜ୍ ଓ ଫୁକୁଲ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଲଲାଟେନ୍ଦୁ ସାମଲଙ୍କ ସଞ୍ଚାଳନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ବଦ୍ରି ନାରାୟଣ ଧଳ ଓ ଅମୂଲ୍ୟ ସେଠୀ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। କମଳାକାନ୍ତ ଜେନା, ପ୍ରତାପ ସାମଲ, ଅଜୟ ରାଉତ, ଯୋଗେନ୍ଦ୍ର ଜେନା, ପରମେଶ୍ୱର ରାଉତ, ପ୍ରତୀକ ସାମଲ, ରାଜେଶ ରଣା, ସୁବଳ ଶଙ୍ଖୁଆ, ସୁଶାନ୍ତ ସାମଲ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଢାବାରେ ଟ୍ରକ୍ ଖଲାସୀଙ୍କ ସନ୍ଦେହଜନକ ମୃତ୍ୟୁ

ବୈଶିଙ୍ଗା, ୨୨।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆଠାରେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଢାବାରେ ଜଣେ ଟ୍ରକ୍ ଖଲାସୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ ଉତ୍ତରପ୍ରଦେଶର ଇଟାହା ଜିଲାରୁ ମାଲ ପରିବହନ କରିଯାଉଥିବା ସମୟରେ ଗଡ଼ଦେଉଳିଆଠାରେ ଗାଡ଼ି ରଖି ଉକ୍ତ ଢାବାରେ ଟ୍ରକ୍ ଡ୍ରାଇଭର ଓ ଖଲାସି ଖାଇଥିଲେ। କିଛି ସମୟ ପରେ ଖଲାସି ଦିନେଶ କୁମାର ରାଜପୁତ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଡ୍ରାଇଭର ଜିତେନ୍ଦ୍ର ପାଟୋରୀ ବୈଶିଙ୍ଗା ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି। ଏ ନେଇ ବୈଶିଙ୍ଗା ଥାନାରେ ମାମଲା (ନଂ.୧୦/୨୧) ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଅନୁସନ୍ଧାନକାରୀ ଅଧିକାରୀ ଅନନ୍ତ ଚରଣ ନାୟକ କହିଛନ୍ତି।

## ମୁଖ୍ୟ ରାସ୍ତାରେ ଆବର୍ଜନା

କେନ୍ଦୁଝର, ୨୨।୪ (ସ୍ୱ.ପ୍ର.)

ଗୁରୁବାର ସକାଳେ ହଠାତ ଅଦିନିଆ ବର୍ଷା ହେବା ଫଳରେ ସହରର ଅନେକ ଡ୍ରେନର ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରେ ବୋହିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି । ସ୍ଥାନୀୟ ମାଇନିଂ ରୋଡରେ ଏଭଳି ଅବସ୍ଥା ଦେଖାଦେବା ଫଳରେ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ (ଓଏସ୍‌ଏମ୍‌ଇ) ମୁଖ୍ୟ ରାସ୍ତାରେ ମଇଳା ଆବର୍ଜନା ପାଣି ଲହଡି ମାରିଥିଲା। ପରେ ପୌରପାଳିକା ପକ୍ଷରୁ ଡ୍ରେନେଜ ସଫେଇ କରାଯାଇଥିଲା।

## ମିଳୁନି ବ୍ୟାଙ୍କ ଲୁଟ୍‌ର କ୍ଷତିପୂରଣ

ଭୋଗରାଇ, ୨୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚୌକିବଜାରସ୍ଥିତ ୟୁକୋ ବ୍ୟାଙ୍କରେ ଦୁର୍ବୃତ୍ତଙ୍କ ଦ୍ୱାରା ଲୁଟ୍ ହୋଇଥିବା ସ୍ୱର୍ଣ୍ଣ ଅଳଙ୍କାରକୁ ୭ ମାସ ପୂରିବାକୁ ଯାଉଛି। ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ବନ୍ଧକ ରଖିଥିବା ଏହି ସ୍ୱର୍ଣ୍ଣ ଅଳଙ୍କାର କ୍ଷତିପୂରଣ ଗ୍ରାହକମାନେ ପାଇପାରୁ ନାହାନ୍ତି। ଫଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗତ ତା୧୩।୧୦।୨୦୨୦ରେ ୬ଜଣ ଦୁର୍ବୃତ୍ତ ୩ ବାଇକ୍‌ରେ ଆସି ନାଟକୀୟ ଢଙ୍ଗରେ ବ୍ୟାଙ୍କରେ ପଶି କର୍ମଚାରୀ ଓ ଗ୍ରାହକମାନଙ୍କୁ ଭୟଭୀତ କରାଇ ବ୍ୟାଙ୍କ ଲକରରୁ ନଗଦ ୧୪ଲକ୍ଷ ୫୩ହଜାର ୨୨୫ଟଙ୍କା ସହ ୨କୋଟି ୨୪ଲକ୍ଷ ୮୬ହଜାର ୫୨୫ ଟଙ୍କା ମୂଲ୍ୟର ୧୪୯ ପ୍ୟାକେଟ୍ ସ୍ୱର୍ଣ୍ଣ ଅଳଙ୍କାର ସହ ବହୁ ଦାମୀ କମ୍ପ୍ୟୁଟର ନେଇ ଚମ୍ପଟ ମାରିଥିଲେ। ବ୍ୟାଙ୍କ ଲୁଟ୍ ପରେ ଗ୍ରାହକମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଉଚିତ୍ ମୂଲ୍ୟରେ ସମସ୍ତ କ୍ଷତିପୂରଣ ଦୁଇମାସ ପରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଦ୍ୟାବଧି କ୍ଷତିପୂରଣ ମିଳୁ ନ ଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ଗ୍ରାହକମାନେ ବ୍ୟାଙ୍କକୁ ଦୌଡ଼ି ନୟାନ୍ତ ହେଉଥିବା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ଟାଳଟୁଳନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଚଳିତମାସରେ ବ୍ୟାଙ୍କରେ ଲୁଟ୍ ହୋଇଥିବା ସ୍ୱର୍ଣ୍ଣ ଅଳଙ୍କାରର କ୍ଷତିପୂରଣ ନ ମିଳିଲେ ଚୌକି ୟୁକୋ ବ୍ୟାଙ୍କକୁ ଅଚଳ କରାଯିବ ବୋଲି ଶତାଧିକ ଗ୍ରାହକ ଚେତାବନୀ ଦେଇଛନ୍ତି।

## ଲୋକନାଥ ମନ୍ଦିରରେ ସରିଲା ପ୍ରବଚନ କାର୍ଯ୍ୟକ୍ରମ

ଭଦ୍ରକ ଅଫିସ, ୨୨।୪

ଭଦ୍ରକ କଚେରି ବଜାର ସ୍ଥିତ ଲୋକନାଥ ମନ୍ଦିର ପରିସରରେ ୭ଦିନ ବ୍ୟାପୀ ଚାଲିଥିବା ପ୍ରବଚନ କାର୍ଯ୍ୟକ୍ରମ ବୁଧବାର ମଧ୍ୟାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ପବିତ୍ର ରାମନବମୀ ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପ୍ରବଚକ ଭାବେ ଚନ୍ଦନବଜାର ରାମଦାସ ଆଶ୍ରମର ମୁକୁନ୍ଦାନନ୍ଦ ମହାରାଜ ଯୋଗ ଦେଇଥିଲେ। ଯଜ୍ଞକୁଣ୍ଡରେ ଭୈରବକୁଣ୍ଡ ଆଶ୍ରମର ଦେବାନନ୍ଦ ମହାରାଜ ପୂର୍ଣ୍ଣାହୁତି ଦେଇଥିଲେ। ପୁରୁଷୋତ୍ତମ ଗୁପ୍ତା, ବିଜୟ ପାଣି, ବିଶ୍ୱରଞ୍ଜନ ପ୍ରଧାନ, ସଞ୍ଜୟ ପାଣି, ଅଜୟ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଉଛି।

# ଇଟାଭାଟି ଭାଙ୍ଗିବାରେ ପ୍ରଶାସନ ଫେଲ୍

ସଜନାଗଡ଼, ୨୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନରେ ଗଢ଼ିଉଠିଥିବା ୧୪ଟି ଚିମିନି ଇଟାଭାଟି କୁଲଡିହା ଇକୋ ସେନ୍‌ସିଟିଭି ଜୋନ୍ ମଧ୍ୟରେ ଆସୁଥିବାରୁ ତାହାକୁ ଭାଙ୍ଗିବା ପାଇଁ ପ୍ରଶାସନ ପ୍ରସ୍ତୁତ ହେଉଥିବା ବେଳେ ହଜାର ହଜାର ଶ୍ରମିକ, ଅଞ୍ଚଳବାସୀ, ଇଟାଭାଟି ମାଲିକମାନେ ଏକଜୁଟ ହୋଇ ଏହାକୁ ଭାଙ୍ଗିବାକୁ ଦେଇ ନ ଥିଲେ। ଏନେଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି।

କୁଲଡ଼ିହା ଜଙ୍ଗଲ ବନ୍ୟଜନ୍ତୁ ଓ ଅଭୟାରଣ୍ୟ ସୁରକ୍ଷା ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ୯।୮।୧୭ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ୨୧୯.୧୮ ବର୍ଗ କି.ମି. ଅଞ୍ଚଳ କୁଲଡିହା ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ଅର୍ନ୍ତଭୁକ୍ତ ହୋଇଥିଲା। ବନବିଭାଗ ମାପଚୁପ ପରେ ଅଭୟାରଣ୍ୟ ସୀମାନ୍ତରେ ୧୪ଟି ଚିମିନି ଇଟାଭାଟି ଜାଣିବାକୁ ପାଇଥିଲା। କିଛି ମାସ ପୂର୍ବରୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ପରେ ବାଲେଶ୍ୱର ଡିଏଫ୍‌ଓ ଜିଲାପାଳଙ୍କୁ ଏ ବିଷୟରେ ସୂଚନା ଦେଇଥିଲେ। ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଇଟାଭାଟିଗୁଡ଼ିକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ନୀଳଗିରି ପ୍ରଶାସନ ପକ୍ଷରୁ କୁଲଡ଼ିହା ଅଭୟାରଣ୍ୟ ସୀମାନ୍ତରେ ଥିବା ନୀଳଗିରି-ସନ୍ତରାଗଡ଼ିଆ ଅଞ୍ଚଳର ୧୪ଟି ଇଟାଭାଟି ଇକୋ ସେନ୍‌ସିଟିଭ୍ ଜୋନ୍ ମଧ୍ୟରେ ଥିବାରୁ ପ୍ରଶାସନ ଉକ୍ତ ଇଟାଭାଟିଗୁଡ଼ିକୁ ଭାଙ୍ଗିବା ପାଇଁ ଉକ୍ତ ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରୁ ଶୁକ୍ରବାର ପର୍ଯ୍ୟନ୍ତ ୧୪୪ଧାରା ଜାରି କରି ଇଟାଭାଟି ଭାଙ୍ଗିବାକୁ ପ୍ରଶାସନ ଅଣ୍ଟା ଭିଡ଼ିଥିଲା। ହେଲେ ଏକଥା ପ୍ରଚାରିତ ହେବା ପରେ ନୀଳଗିରି-ପଞ୍ଚଲିଙ୍ଗେଶ୍ୱର ରାସ୍ତା ମିରିଗିଣିଠାରେ ହଜାର ହଜାର ଶ୍ରମିକ ଇଟାଭାଟି ମାଲିକ ଶାନ୍ତିପୂର୍ଣ୍ଣ ଭାବେ ଜୀବନଜୀବିକାକୁ ନେଇ ମେଳି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଶାସନ ଇଟାଭାଟି ଭାଙ୍ଗିବାକୁ ଯିବାବେଳେ ମିରିଗିଣିଠାରେ ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ତହସିଲଦାର ଅଶେଷ ନାୟକ, ଅତିରିକ୍ତ ତହସିଲଦାର ନିରଞ୍ଜନ ଧଳ, ଆଇଆଇସି ପ୍ରଭଞ୍ଜନ ବେହେରା, ନୀଳଗିରି ରେଞ୍ଜର ମନୱାର ଖାଁ, କୁଲଡ଼ିହା ରେଞ୍ଜର ବିଜୟ ମହାପାତ୍ରଙ୍କ ସମେତ ପୋଲିସ ଫୋର୍ସକୁ ମିରିଗିଣି ରାସ୍ତାରେ ଲୋକେ ଅଟକାଇଥିଲେ। ତହସିଲଦାର, ଉପଜିଲାପାଳଙ୍କ ସହ ଇଟାଭାଟି ମାଲିକଙ୍କ ଆଲୋଚନା ହୋଇଥିଲା। ଜୀବନଜୀବିକା ଦୃହି ଦେଇ ଉଚ୍ଛେଦକୁ ତୀବ୍ର ବିରୋଧ କରିଥିଲେ। ଶେଷରେ ରାସ୍ତା ଅବରୋଧ ନ ହଟିବାରୁ ପ୍ରଶାସନ ଅଧିକାରୀ ଅଫିସକୁ ଆସି ଆଲୋଚନା କରିବାକୁ କହି ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ ରଖିବାକୁ କହି ଘଟଣାସ୍ଥଳରୁ ଫେରି ଆସିଥିଲେ। ପ୍ରଶାସନ ଇଟାଭାଟି ଭାଙ୍ଗିବାକୁ ୨ଥର ଚେଷ୍ଟା କରି ଫେଲ୍ ମାରିଲାଣି। ନୀଳଗିରି ବିଧାୟକ ଇଂ. ନାୟକ ଘଟଣାସ୍ଥଳରେ ପହଞ୍ଚି କରୋନା ଯୋଗୁ ଇଟାଭାଟି ମାଲିକଙ୍କୁ ୨ମାସ ସମୟ ଦେଇ ଶାନ୍ତିପୂର୍ଣ୍ଣ ଭାବେ ଆଲୋଚନା କରି ସମାଧାନ କରିବାକୁ ପ୍ରଶାସନ ଉଦ୍ଦେଶ୍ୟରେ କହିଥିଲେ।



ପ୍ରଶାସନିକ ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**କୁଲଡ଼ିହା ଇକୋ ସେନ୍‌ସିଟିଭ୍ ଜୋନ**

